# Akashvani, Sambalpur

# SAMBALPURI NEWS EVENING BULLETIN

## 27 June 2026-7.02- 7.12 pm.

---

୧- ଦେଶର୍ ଅଭିବୃଦ୍ଧିଥି ଅଣୁ, କ୍ଷୁଦ୍ର ଆଉ ମଧମ୍ ଉଦ୍ୟୋଗ୍‌ର ଗୁରୁତ୍ୱପୂର୍ଣ୍ଣ ଯୋଗଦାନ୍ ରହିଛେ- କହେଲେ ମୁଖ୍ୟମନ୍ତ୍ରୀ ।

- ଭୁବ୍‌ନେଶ୍ୱର୍ ଠାନୁ ଉଦ୍ୟମୀ ଓଡ଼ିଶା ଏମ୍.ଏସ୍.ଏମ୍.ଇ. କାର୍ଯ୍ୟକ୍ରମ୍ ଆଉ ମହିଳା ଉଦ୍ୟମିତା ମଂଚର କଲେ ଶୁଭାରମ୍ଭ ।

୨- ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍‌ଥି ଆଏବାକାଏଲ୍ ଦେଶ୍‌ବାସୀଙ୍କୁ ସମ୍ବୋଧନ୍ କର୍‌ବେ ପ୍ରଧାନ୍‌ମନ୍ତ୍ରୀ ।

ଆଉର୍

୩- ଶ୍ରୀଜୀଉଙ୍କର୍ ସ୍ନାନ ଯାତ୍ରାର୍ ସ୍ୱତନ୍ତ୍ର ନୀତିକାନ୍ତି ଲାଗି ଆଏଜ୍ ରାତି ସାଢ଼େ ୧୦ ବଜେନୁ ଆଏବା କାଏଲ୍ ଉପର୍‌ବେଲା ୧ ବଜେତକ୍ ସର୍ବସାଧାରଣ୍ ଦର୍ଶନ୍ ବନ୍ଦ୍ ।

ଏମ୍ଏସ୍ଏମ୍ଇ ଦିବସ୍ ଆର୍ଏନ୍ୟୁ/ କଟକ୍

ବିଶ୍ୱ ଅର୍ଥନୀତିଥି ଅଣୁ, କ୍ଷୁଦ୍ର ଆଉ ମଧ୍ୟମ୍ ଉଦ୍ୟୋଗ୍‌ମାନ୍‌କର୍ ଗୁରୁତ୍ୱପୂର୍ଣ୍ଣ ଅବଦାନ୍‌କେ ସ୍ୱୀକୃତି ଦେବାର୍ ଆଉ ସେମାନ୍‌କର୍ ଅଭିବୃଦ୍ଧି ସହେତେ ସ୍ଥାୟିତ୍ୱକେ ପ୍ରୋତ୍ସାହିତ୍ କର୍‌ବାର୍ ଲାଗି ଆଏଜ୍ ଅନ୍ତର୍ଜାତୀୟ ଏମ୍.ଏସ୍.ଏମ୍.ଇ. ଦିବସ୍ ପାଳନ୍ କରାଯାଉଛେ। ଦେଶର୍ ଅର୍ଥନୀତି ଆଉ ନିଯୁକ୍ତି କ୍ଷେତ୍ରଥି ଏମ୍ଏସ୍ଏମ୍ଇ କ୍ଷେତ୍ରର୍ ଗୁରୁତ୍ୱପୂର୍ଣ୍ଣ ଅବଦାନ୍ ରହିଛେ। ଇ ବଛର୍ ଇ ଦିବସ୍‌ର ବାର୍ତା ରହିଛେ ‘ଉଦ୍ଭାବନ ଆଉ ନିରନ୍ତର ଶିଳ୍ପ ବିକାଶ୍ ଜରିଏ ଏମ୍.ଏସ୍.ଏମ୍.ଇ କେ ବର୍‌କସ୍ କର୍‌ବାର୍’ । ଭୁବ୍‌ନେଶ୍ୱର୍ ଲୋକସେବା ଭବନ୍ ନ ‘ଉଦ୍ୟମୀ ଓଡ଼ିଶା’ ଏମ୍ଏସ୍ଏମ୍ଇ କାର୍ଯ୍ୟକ୍ରମ୍ ଆଉ ମହିଳା ଉଦ୍ୟମିତା ମଂଚ ଓଡ଼ିଶା ଅଧ୍ୟୟର୍ ଶୁଭାରମ୍ଭ କରି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍, ଦେଶର୍ ଅଭିବୃଦ୍ଧିଥି ଅଣୁ, କ୍ଷୁଦ୍ର ଆର୍ ମଧ୍ୟମ୍ ଉଦ୍ୟୋଗ୍‌ମାନ୍‌କର୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛେ। ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ନେତୃତ୍ୱଥି ବିନିର୍ମାଣ କ୍ଷେତ୍ରକେ ଅଏତ୍‌କା ଗୁରୁତ୍ୱ ଦିଆଯାଉଛେ।

ଦେଶର୍ ଘରୋଇ ଉତ୍ପାଦର୍ ୩୦ ପ୍ରତିଶତ୍ ଆଉ ମୋଟ୍ ଉତ୍ପାଦର୍ ୪୫ ପ୍ରତିଶତ୍ ଏମ୍.ଏସ୍.ଏମ୍.ଇ. କ୍ଷେତ୍ରନୁ ଆସିଥିସି ।

ରାଜ୍ୟ ସର୍କାର୍ ଏମ୍.ଏସ୍.ଏମ୍.ଇ. କ୍ଷେତ୍ରକେ ଗୁରୁତ୍ୱ ଦେବାର୍ ସହେତେ ଦ୍ରୁତ ଶିଳ୍ପାୟନ୍ ଦିଗେ ଭିନ୍ ଭିନ୍ ପଦକ୍ଷେପ୍ ନଉଛନ୍ ବଲି ଶ୍ରୀ ମାଝୀ କହିଛନ୍ ।

ଉତ୍କର୍ଷ ଓଡ଼ିଶା, ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ୍‌ଥି ଭିନ୍ ଭିନ୍ ପ୍ରକଳ୍ପକେ ଅନୁମୋଦନ୍ ମିଲ୍‌ବାର୍ ସହେତେ ଶୁଭାରମ୍ଭ ଭିଲ୍ କରାଯାଇଛେ । ଇଥି ଏମ୍.ଏସ୍.ଏମ୍.ଇ. କ୍ଷେତ୍ର ସାମିଲ୍ ଅଛେ ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେଇକରି କହିଛନ୍, ନାରୀ ଶକ୍ତି ସ୍ୱାବଲମ୍ବୀ, ସମାବେଶୀ ଆଉ ପ୍ରଗତିଶୀଳ ଓଡ଼ିଶା ବିକାଶ୍‌କେନ୍ଦ୍ରଥି ରହିଛେ । କଲ୍ୟାଣ୍‌ଥି ସଶକ୍ତିକରଣ୍, ସଶକ୍ତିକରଣ୍‌ଥି ନେତୃତ୍ୱ ଆଉ ନେତୃତ୍ୱନୁ ପରିବର୍ତନ୍ ହେଉଛେ ସର୍କାର୍‌ଙ୍କର୍ ଦୃଷ୍ଟିକୋଣ । ଏସ୍.ଏସ୍.ଜି. ନୁ ଷ୍ଟାର୍ଟଅପ୍, ପାରମ୍ପାରିକ୍ କୌଶଲ୍‌ନୁ ଆଧୁନିକ୍ ଉଦ୍ୟୋଗ୍‌ଥି ରାଜ୍ୟର୍ ମହିଳାମାନେ ନବସୃଜନ୍‌କାରୀ ଭାବେ ନିଜ୍‌କୁ ପ୍ରତିପାଦିତ କରିପାରିଛନ୍ ବଲି ଶ୍ରୀମତୀ ପରିଡ଼ା କହିଛନ୍ । ଇ ଅବ୍‌ସରେ ମହିଳା ଉଦ୍ୟମିତ ମଂଚ ଓଡ଼ିଶା ଅଧ୍ୟାୟର୍ ବଛ୍‌ରେ ଲାଗି କାର୍ଯ୍ୟ

ଯୋଜନାର୍ ଶୁଭାରମ୍ଭ, ବରପାଲି ଆଉ କେସିଙ୍ଗା ନ ଏମ୍.ଏସ୍.ଏମ୍.ଇ. ପାର୍କ ଆଉ ୨୫ ଟା ଏମ୍.ଏସ୍.ଏମ୍.ଇ. ୟୁନିଟ୍‌ର ଭିତିପ୍ରସ୍ତର ସ୍ଥାପନ ଆଉ ଉଦ୍‌ଘାଟନ୍, ବାଲେଶ୍ୱର୍ ରାଇସ୍‌ମିଲିଂ କ୍ଲଷ୍ଟର୍‌ର ଉଦ୍‌ଘାଟନ୍ ଆଉ ପାହାଲ ରସଗୋଲା କ୍ଲଷ୍ଟରର ଭିତିପ୍ରସ୍ତର ସ୍ଥାପନ୍ କରାଯାଇଛେ ।

କାର୍ଯ୍ୟକ୍ରମ୍‌ଥି ଅଣୁ, କ୍ଷୁଦ୍ର ଆଉ ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ୍, ସାଂସଦ ପ୍ରତାପ୍ ଷଡ଼ଙ୍ଗୀ, ନୀତି ଆୟୋଗ ଉପାଧ୍ୟକ୍ଷ ଡକ୍ଟର୍ ଅଶୋକ କୁମାର୍ ଲାହିରି ଆଉ ମୁଖ୍ୟ ଶାସନ୍ ସଚିବ ଅନୁ ଗର୍ଗ ପ୍ରମୁଖ ଉପସ୍ଥିତ୍ ଥିଲେ ।

ମନ୍ କି ବାତ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବାକାଏଲ୍ ଦିନର୍ ୧୧ ବଜେ ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍ ଆଉ ଦୁନିଆସାରା ଲୁକ୍‌କର୍ ସାଙ୍ଗେ ଭାବ୍ ଦିଆନିଆ କର୍‌ବେ । ଇଟା ତାଙ୍କର୍ ଶହେ ୩୫ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା ।

ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଆକାଶ୍‌ବାଣୀ ଆଉ ଦୂର୍‌ଦର୍ଶନ୍ ଜରିଏ ଆର୍ ଏଆଇଆର୍ ନ୍ୟୁଜ୍ ୱେବ୍‌ସାଇଟ୍ 'ନ୍ୟୁଜ୍ ଅନ୍

ଏଆଇଆର୍' ମୋବାଇଲ୍ ଆପ୍‌ରୁ ପ୍ରସାରଣ୍ କରାଯିବ। ଆକାଶବାଣୀ ସମ୍ବାଦ, ଡିଡି ନ୍ୟୁଜ୍, ପିଏମ୍‌ଓ ଅଫିସ୍ ଆଉ ସୂଚନା ଆଉ ପ୍ରସାରଣ୍ ମନ୍ତ୍ରଣାଲୟର ୟୁ-ଟ୍ୟୁବ୍ ଚେନାଲ୍‌ରୁ ଭିଲ୍ ଇତାର୍ ସିଧା ପ୍ରସାରଣ୍ କରାଯିବ। ପ୍ରଧାନ୍‌ମନ୍ତ୍ରୀଙ୍କର୍ ହିନ୍ଦୀ ଅଭିଭାଷଣ୍ ଉତ୍‌ରୁ ଆଂଚଲିକ୍ ଭାଷାରୁ ଇତାର୍ ପ୍ରସାରଣ୍ କରାଯିବ।

ସ୍ୱରାଷ୍ଟ୍ରମନ୍ତ୍ରୀ ଓଡ଼ିଶା ଗସ୍ତ      ଆର୍‌ଏନ୍‌ୟୁ/ କଟକ୍

ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ଆଏବା ମାସର୍ ୪ ତାରିଖ୍ ଦିନ ଓଡ଼ିଶା ଗସ୍ତରୁ ଆସୁଛନ୍। ଇତାର୍ ଆଘୋନୁ ଆଏଜ୍ ଭୁବ୍‌ନେଶ୍ୱର୍‌ର ପୁଲିସ୍ ଡିଜି କେମ୍ପ୍ ଅଫିସ୍ ନ ପୁଲିସ୍ ମହାନିର୍ଦ୍ଦେଶକ ୱାଇ.ବି. ଖୁରାନିଆଙ୍କର୍ ଅଧ୍ୟକ୍ଷତାରୁ ଗୁରୁତ୍ୱପୂର୍ଣ୍ଣ ବୈଠକ୍ ହେଇଯାଇଛେ। ଆଏବା ୫ ତାରିଖ୍ ଦିନ ସ୍ୱରାଷ୍ଟ୍ରମନ୍ତ୍ରୀ ଶ୍ରୀ ଶାହା ଭୁବନେଶ୍ୱର୍ ସପ୍ତମ ବାଟାଲିୟନ୍ ପଡ଼ିଆ ନ ହେବାର୍‌କେ ଥିବା ସ୍ୱତନ୍ତ୍ର କାର୍ଯ୍ୟକ୍ରମ୍‌ରୁ ଉଲ୍ଲେଖନୀୟ ସେବା ଲାଗି ଓଡ଼ିଶା ପୁଲିସ୍‌କେ ରାଷ୍ଟ୍ରପତି ପତାକା ସମ୍ମାନ୍ ପ୍ରଦାନ୍

କର୍‌ବେ । ମନ୍ତ୍ରୀ ଶ୍ରୀ ଶାହା ଇ ଅବ୍‌ସରେ ରାଜ୍ୟ ସର୍‌କାର୍‌ଙ୍କର୍ କେତେଟା କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେବେ ବଲି ଜନାପଡ଼ିଛେ ।

ସାଇବର ଅପରାଧ ଆର୍‌ଏନ୍‌ୟୁ/ କଟକ୍

ରାଜ୍ୟ ସର୍‌କାର୍ ସାଇବର୍ ଅପରାଧ ବାବଦ୍ ତଥ୍ୟ ଦେବାର୍ ଆଉ ଇତାର୍ ମୁକାବିଲା ଦିଗେ ପଦକ୍ଷେପ୍ ନେବାର୍ ଲାଗି ସାଇବର୍ ଅପରାଧ୍ ସମନ୍ୱୟ କେନ୍ଦ୍ର ଥାପ୍‌ନା କର୍‌ବେ । ସ୍ୱରାଷ୍ଟ୍ର ମନ୍ତ୍ରଣାଲୟ ତର୍‌ଫୁଁ ଇ ବାବ୍‌ଦେ ରାଜ୍ୟ ସର୍‌କାର୍‌ଙ୍କୁଁ ଜନେଇ ଦିଆଯାଇଛେ । ରାଜ୍ୟ ଗୃହ ବିଭାଗ୍ ତର୍‌ଫୁଁ ପୁଲିସ୍ ମହାନିର୍ଦ୍ଦେଶକଙ୍କୁଁ ଇ ଦିଗେ ତୁର୍‌ତି ପଦକ୍ଷେପ୍ ନେବାର୍ ଲାଗି କୁହାଯାଇଛେ । ରାଜ୍ୟ ସାଇବର୍ ଅପରାଧ୍ ସମନ୍ୱୟ କେନ୍ଦ୍ର ଥାପ୍‌ନା ହେଲେ ସାଇବର୍ ଅପରାଧ୍‌ର ପ୍ରତିରୋଧ୍, ତଦନ୍ତ, ସୂଚ୍‌ନା ଦିଆନିଆ ଆଉ ଭିନ୍ ଭନ୍ ସଂସ୍ଥା ଭିତ୍‌ରେ ସମନ୍ୱୟ ରଖ୍‌ବାର୍ ସହେତେ ସବୁ ସୂଚ୍‌ନା ଭାରତୀୟ ସାଇବର୍ ଅପରାଧ୍ ସମନ୍ୱୟ କେନ୍ଦ୍ରକେ ଦିଆଯାଇପାର୍‌ବା । ଇତାର୍ ଜରିଏ ସାଇବର୍ ଠକେଇ, ଅନ୍‌ଲାଇନ୍ ଆର୍ଥିକ୍ ଜାଲିଆତି, ଡିଜିଟାଲ୍ ଗିରଫ୍ ବାଗିର୍ ଅପରାଧ୍‌ର ଜଲ୍‌ଦି ତଦନ୍ତ୍

କରାଯାଇପାର୍‌ବା । ସୂଚ୍‌ନା ଅନ୍‌ସାରେ, ଇ ସମନ୍ୱୟ କେନ୍ଦ୍ରଥି ୫ନେ ଡି.ଆଇ.ଜି. ପାହ୍ୟାର ଅଧିକାରୀଙ୍କୁ ଦାୟିତ୍ୱ ଦିଆଯିବା । କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଲୟର୍ ସୂଚ୍‌ନା ଅନ୍‌ସାରେ ଏଛେନ୍‌ତକ୍ ୧୦ ଟା ରାଏଜେ ସାଇବର୍ ଅପରାଧ୍ ସମନ୍ୱୟ କେନ୍ଦ୍ର ଥାପ୍‌ନା ହେଇସାରିଛେ ।

ମହାପ୍ରଭୁଙ୍କ ସ୍ନାନଯାତ୍ରା ଆର୍‌ଏନ୍‌ୟୁ/ କଟକ୍

ଶ୍ରୀଜୀଉଙ୍କର୍ ପବିତ୍ର ସ୍ନାନ ଯାତ୍ରା ଆଏବା ସୋମ୍‌ବାର୍ ଦିନ ହେବା । ଇତାର୍ ଆଘୋନୁ ଆଏଜ୍ ଶ୍ରୀମନ୍ଦିର୍ ନ ଦଇତାପତିମାନ୍‌କର୍ ପ୍ରବେଶ୍ ନୀତି ହେଇଯାଇଛେ । ଶ୍ରୀଜୀଉଙ୍କର୍ ସ୍ନାନ ଯାତ୍ରାର୍ ସ୍ୱତନ୍ତ୍ର ନୀତିକାନ୍ତି ଲାଗି ଆଏଜ୍ ରାତି ସାଢ଼େ ୧୦ ବଜେନୁ ଆଏବା କାଏଲ୍ ଉପର୍‌ବେଲା ୧ ବଜେତକ୍ ସର୍ବସାଧାରଣ୍ ଦର୍ଶନ୍ ବନ୍ଦ୍ ରହେବା । ଜ୍ୟେଷ୍ଠ ଶୁକ୍ଳ ତ୍ରୟୋଦଶୀ ତିଥି ନୁ ନିଳାଦ୍ରୀ ବିଜେ ତକ୍ ଦଇତାପତି ସେବକ୍‌ମାନ୍‌କର୍ ଶ୍ରୀମନ୍ଦିର୍ ନ ଗୁରୁଦାୟିତ୍ୱ ରହିଥିସି । ଦେବସ୍ନାନ ପୂର୍ଣ୍ଣିର୍ମା ଆଘୋନୁ ସେନାପଟ୍ଟା ଆଉ ବାହୁଟ କଂଟା ଲଗାଯାଏସି । ଦଇତାପତି ସେବକ୍‌ମାନେ ଶ୍ରୀଜୀଉଙ୍କର୍ ଅଣସର ଗୁପ୍ତନୀତି ସହେତେ ୯ ଦିନିଆ ରଥଯାତ୍ରା କାମ୍ କର୍‌ସନ୍ ।

ସ୍ନାନଯାତ୍ରା ପହଣ୍ଡି ଲାଗି ଦକ୍ଷିଣ ଦ୍ୱାର ଦେଇକରି ପରିମାଣିକ ଟିକେଟଧାରୀ ମାନେ ପ୍ରବେଶ୍ କର୍‌ବେ । ଶ୍ରଦ୍ଧାଳୁମାନେ ଶ୍ରୀମନ୍ଦିର୍ ସିଂହଦ୍ୱାର ଦେଇକରି ପ୍ରବେଶ୍ ସହେତେ ସ୍ନାନମଣ୍ଡପ୍ ନ ଦର୍ଶନ୍ ଉତ୍‌ରୁ ଅଲ୍‌ଗା ତିନ୍‌ହି ଦ୍ୱାର ଦେଇକରି ବାହାରିବେ । ଦୁର୍ଲଭ ହାତୀ ବେଶ ଦର୍ଶନ୍ ଆଉ ଜଳ ଲାଗି - ଲାଗି ପ୍ରଶାସନ୍ ତର୍‌ଫୁ ସବୁ ପ୍ରକାର୍ ବ୍ୟବସ୍ଥା  କରାଯାଇଛେ । ସ୍ନାନଯାତ୍ରାକେ ଶୃଙ୍ଖଳିତ ଭାବେ ସାର୍‌ବାର୍ ଲାଗି ଶ୍ରୀମନ୍ଦିର୍ ମୁଖ୍ୟ ପ୍ରଶାସକ ଡକ୍ଟର ଅରବିନ୍ଦ ପାଢ଼ୀ ପ୍ରତିକ୍ରିୟାଥି କହିଛନ୍ ।

(ଭଏସ୍ ଓଭର୍- ଅରବିନ୍ଦ ପାଢ଼ୀ)

ସ୍ନାନ ଯାତ୍ରାକେ ଶୃଙ୍ଖଲିତ୍ ଭାବେ ସାର୍‌ବାର୍ ଲାଗି ପୁରୀ ନ ଜବର୍ ସୁରକ୍ଷା ଆଉ ଟ୍ରାଫିକ୍ ବ୍ୟବସ୍ଥା ଗ୍ରହଣ୍ କରାଯାଇଛେ । ସହର୍‌କେ ସିସିଟିଭି ସର୍ବେକ୍ଷଣଥି ରଖାଯାଇଛେ । ଭକ୍ତମାନ୍‌କର୍ ସୁରକ୍ଷା ଆଉ ଭିଡ଼୍ ନିୟନ୍ତ୍ରଣ୍‌କେ ସବୁନୁ ଜହ ପ୍ରାଥମିକତା ଦିଆଯାଇଛେ ବଲି ପୁରୀ ଆରକ୍ଷୀ ଅଧୀକ୍ଷକ୍ ପ୍ରତୀକ୍ ସିଂହ କହିଛନ୍ ।

(ଭଏସ୍ ଓଭର୍- ପ୍ରତୀକ୍ ସିଂହ)

ବିକାଶରଧାରା କାର୍ଯ୍ୟକ୍ରମ             ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ଟାଉନ୍‌ହଲ୍‌ଠାନେ 'ବିକାଶ୍‌ଧାରା , ଓଡ଼ିଶା ସାରା' କାର୍ଯ୍ୟକ୍ରମ୍‌ର ଶୁଭାରମ୍ଭ କରାଯାଇଛେ । କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେଇକରି ବିଧାୟକ୍ କହ୍ନାଇ ଚରଣ୍ ଡାଙ୍ଗ କହିଛନ୍, ରାଏଜେ ବିଜେପି ସର୍‌କାର୍‌ଙ୍କର୍ ଦୁଇ ବଛ୍‌ରର୍ ଶାସନ୍ ସମିଆଥି କୃଷି, ଶିକ୍ଷା, ସ୍ୱାସ୍ଥ୍ୟ, ଭିତିଭୂମି, ମହିଳା ସଶକ୍ତିକରଣ୍ ଆଉ ସାମାଜିକ୍ ସୁରକ୍ଷା କ୍ଷେତ୍ର ନ ବହୁତ୍‌ଟେ ପଦକ୍ଷେପ୍ ନିଆଯାଇଛେ । ଯେନ୍‌ଟା ସାଧାରଣ୍ ଲୁକ୍‌କର୍ ଜୀବନ୍‌ଯାତ୍ରାଥି ସକାରାତ୍ମକ ପରିବର୍ତ୍ତନ୍ ଆନିଛେ । ଓଡ଼ିଶାର୍ ବିକାଶ୍ ଯାତ୍ରାଥି ଦୁଇ ବଛ୍‌ରର୍ ସଫଲତାକେ ଲୁକ୍‌କର୍ ଠାନେ ଉପସ୍ଥାପନ୍ କର୍‌ବାର୍ ସହେତେ ଭବିଷ୍ୟତ୍‌ର ରୂପରେଖ ଭିଜନ୍-୨୦୩୬ ବାବ୍‌ଦେ ସଚେତନ୍ କର୍‌ବାର୍ ଲାଗି ଇ କାର୍ଯ୍ୟକ୍ରମ୍ ଆୟୋଜନ୍ କରାଯାଉଛେ ।

ରେଲ୍ ଭିତିଭୂମି ନିର୍ମାଣ କାର୍ଯ୍ୟ ସମୀକ୍ଷା ଆର୍‌ଏନ୍‌ୟୁ/ କଟକ୍

ପୂର୍ବତଟ ରେଲ୍‌ପଥ୍ ମହାପ୍ରବନ୍ଧକ ପରମେଶ୍ୱର୍ ଫୁଙ୍କ୍‌ୱାଲ୍ ଆଏଜ୍ ଟିଟିଲାଗଡ୍- ମୁନିଗୁଡ଼ା ସେକ୍ସନ୍‌ର ନିରୀକ୍ଷଣ୍ କରିଛନ୍ । ଶ୍ରୀ

ଫୁଙ୍କଓ୍ୱାଲ୍ ଇ ସେକ୍ସନ୍‌ର ଭିନ୍ ଭିନ୍ ଷ୍ଟେସନ୍‌ର ନିରାପତା ଆଉ ଟ୍ରାଫିକ୍ ବ୍ୟବସ୍ଥା, ଯାତ୍ରୀ ସୁବିଧା ଆଉ ଚାଲିଥିବା ଭିତିଭୂମି ନିର୍ମାଣ୍ କାମ୍‌ର ସମୀକ୍ଷା କରିଛନ୍ । ଅମୃତ୍ ଭାରତ୍ ଷ୍ଟେସନ୍ ଯୋଜ୍‌ନା ଅଧୀନ୍‌ଥି ଚାଲିଥିବା ପୁନଃ ବିକାଶ୍ କାମ୍‌ର ଅଗ୍ରଗତି ସମୀକ୍ଷା କରିକରି ଶ୍ରୀ ଫୁଙ୍କ୍‌ଓ୍ୱାଲ୍ ଧାରିଜ୍ ସମିଆ ଭିତ୍‌ରେ ପ୍ରକଳ୍ପମାନ୍‌କ୍‌ର କାମ୍ ଶେଷ୍ କର୍‌ବାର୍ ଉପ୍‌ରେ ଜୋର୍ ଦେଇଛନ୍ ।

ଆଇଆଇଏମ୍‌ସି ନାଁଲେଖା ଆର୍‌ଏନ୍‌ୟୁ/ ସମ୍ବଲପୁର

ଢେଙ୍କାନାଲ୍ ନ ଥିବା ଭାରତୀୟ ଜନସଂଚାର୍ ସଂସ୍ଥାନ୍-ଆଇଆଇଏମ୍‌ସି ଥି ୨୦୨୬-୨୭ ଶିକ୍ଷା ବଛର୍ ଲାଗି ନାଁଲେଖା ପ୍ରକ୍ରିୟା ଜାରି ରହିଛେ । ଆଏବା ମାସ ୩ ତାରିଖ୍ ସଖାଲର୍ ୧୧ ବଜେ ପତ୍ର ସୂଚନା କାର୍ଯ୍ୟାଳୟ-ଭୁବ୍‌ନେଶ୍ୱର୍, ଆକାଶ୍‌ବାଣୀ କାର୍ଯ୍ୟାଳୟ ସମ୍ବଲ୍‌ପୁର୍ ଆଉ ୧୭ ତାରିଖ୍ ଆଇଆଇଏମ୍‌ସି ଢେଙ୍କାନାଲ୍ ପରିସର୍ ନ ସ୍ପଟ୍ ଏଡ୍‌ମିଶନ୍ ଆଉ ସାକ୍ଷାତ୍‌କାର୍ ହେବା । ଇଚ୍ଛୁକ

ଛାତ୍ରଛାତ୍ରୀମାନେ ୯୯୩୭୮-୮୧୨୮୫ ନମ୍ବର୍‌ଥି ଯୋଗାଯୋଗ୍ କରିପାର୍‌ବେ ।

ଧାନ୍‌ଘିନା ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟ ସର୍‌କାର୍ ଡାଲୁଆ ଧାନ୍‌ଘିନା ସମିଆକେ ଆଏବା ମାସ ୩ ତାରିଖ୍‌ତକ୍ ବଢ଼େଇଛନ୍ । ଧାନ୍‌ଘିନାନୁ ଯେନ୍ତା କେହି ଯୋଗ୍ୟ ଚାଷୀ ବାଦ୍ ନାଇଁ ପଡ୍‌ବେ ସେଥିର୍‌ଲାଗି ରାଜ୍ୟ ସର୍‌କାର୍ ଇ ପଦକ୍ଷେପ୍ ନେଇଛନ୍ । ଇ ବାବ୍‌ଦେ ରାଜ୍ୟ ଯୋଗାଣ ବିଭାଗ୍ ତର୍‌ଫୁ ବର୍‌ଗଡ୍, ବଲାଙ୍ଗିର୍, ବୌଦ୍ଧ, ଝାର୍‌ସୁଗୁଡ଼ା, କଲାହାଣ୍ଡି, ନୂଆପଡ଼ା, ସମ୍ବଲପୁର୍, ସୁବର୍ଣ୍ଣପୁର୍ ଆଉ ସୁନ୍ଦର୍‌ଗଡ୍ ଜିଲ୍ଲା ସହେତେ ୨୦ ଟା ଜିଲ୍ଲାର୍ ଜିଲ୍ଲାପାଲ୍‌ଙ୍କୁ କୁହାଯାଇଛେ । ଯେନ୍ ଚାଷୀମାନ୍‌କର୍ ଟୋକନ୍ ସମିଆ ରହିଛେ ସେମାନେ କେନ୍ତାକରି ଧାରିଜ୍ ସମିଆ ଭିତ୍‌ରେ ମଣ୍ଡିକେ ଧାନ୍ ଆନ୍‌ବେ ତାର୍ ବନ୍ଦୋବସ୍ତ କର୍‌ବାର୍ ଲାଗି ଜିଲ୍ଲାପାଲ୍‌ମାନ୍‌କୁ ପରାମର୍ଶ ଦିଆଯାଇଛେ ।

ଉପମୁଖ୍ୟମନ୍ତ୍ରୀ-ଅଟଲ୍ ବସ୍ଷ୍ଟାଣ୍ଡ ହି.ସ.

ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ ଆଏଜ୍ ବଲାଙ୍ଗିର୍ ଜିଲ୍ଲାର୍ ପାଟ୍‌ନାଗଡ଼୍ ଠାନେ ତିଆର୍ ହେବାର୍‌କେ ଥିବା ଅଟଲ୍ ବସ୍‌ଷ୍ଟାଣ୍ଡ୍‌ର ଭିତିପ୍ରସ୍ତର୍ ଥାପ୍‌ନା କରିଛନ୍ । ସାମାଜିକ୍ ଗଣମାଧ୍ୟମ୍‌ଥି ଇ ବାବ୍‌ଦେ ସୂଚ୍‌ନା ଦେଇକରି ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଛନ୍, ଆଧୁନିକ୍ ସୁବିଧା ଥିବା ଇ ବସ୍‌ଷ୍ଟାଣ୍ଡ୍ ତିଆର୍ ହେଲେ ସେନର୍ ଲୁକେ ଆଉ ଦୁରୁ ଆସୁଥିବା ଯାତ୍ରୀମାନେ ଅଏତ୍‌କା ସୁରକ୍ଷିତ୍ ଆଉ ସୁବିଧାଜନକ୍ ପରିବହନ୍ ସେବା ପାଇପାର୍‌ବେ ।